# Akashvani, Sambalpur

## SAMBALPURI NEWS EVENING BULLETIN

## 14 January 2026 - 7.02 pm- 7.12 pm.

*******************************************

୧- ସୂର୍ଯ୍ୟଙ୍କର୍ ଉତରାୟଣ ଗତିକେ ଆଏଜ୍ ସାରା ଦେଶେ ମକର୍‌ସଂକ୍ରାନ୍ତି, ପୋଙ୍ଗଲ୍, ଲୋହଡ଼ି ବାଗିର୍ ଭିନ୍ ଭିନ୍ ପରବ୍ ଭାବେ ପାଲନ୍ କରାଯାଉଛେ ।

- ପୁରୀ ଶ୍ରୀମନ୍ଦିର୍ ନ କରାଗଲା ଖାସ୍ ନୀତିକାନ୍ତି ।

୨- ରାଷ୍ଟ୍ରନିର୍ମାଣ୍ କ୍ଷେତ୍ରଥି ଦେଶର୍ ଚାଷୀମାନେ ହେଉଛନ୍ ମଜ୍‌ବୁତ୍ ସାଥୀ- କହେଲେ ପ୍ରଧାନ୍‌ମନ୍ତ୍ରୀ ।

- ନୂଆଦିଲ୍ଲୀ ନ ପୋଙ୍ଗଲ୍ ଉତ୍ସବ୍‌ଥି ହେଲେ ସାମିଲ୍ ।

୩- ମକର୍ ସଂକ୍ରାନ୍ତି ଅବ୍‌ସରେ ବୈତରଣୀ ନଦୀ ନ ବୁଡ଼୍ ପକାଲେ ମୁଖ୍ୟମନ୍ତ୍ରୀ ।

୪- ବ୍ୟାସକବି ଫକୀର ମୋହନ ସେନାପତିଙ୍କର୍ ଜୟନ୍ତୀ ଅବ୍‌ସରେ ରାଜ୍ୟବାସୀ ଜନାଲେ ଶ୍ରଦ୍ଧାଞ୍ଜଳି ।

ଆଉର୍

୫- ରାଏଜେ ଆଏବା ଶନିବାର୍‌ତକ୍ ଲାଗି ରହେବା ଶୀତ୍ ।

ମକର ସଂକ୍ରାନ୍ତି       ଆର୍ଏନ୍ୟୁ ସମ୍ବଲପୁର୍

ଆଏଜ୍ ହେଉଛେ ପବିତ୍ର ମକର ସଂକ୍ରାନ୍ତି । ଇ ତିଥି ନୁ ସୂର୍ଯ୍ୟଙ୍କର୍ ଉତରାୟଣ୍ ଗତି ହେବାର୍ ସହେତେ ମକର କ୍ରାନ୍ତି ନ ପ୍ରବେଶ କର୍ସନ୍ । ଓଡ଼ିଶା ନ ଇ ଦିନ୍କେ ମକର ସଂକ୍ରାନ୍ତି ହିସାବେ ମନାଯାଉଥିବାର୍ ବେଲେ ପଞ୍ଜାବ୍ ନ ଲୋହଡ଼ି ଆର୍ ଦକ୍ଷିଣ ଭାରତ୍ ନ ପୋଙ୍ଗଲ୍ ପରବ୍ ପାଲନ୍ କରାଯାଉଛେ । ଦେଶର୍ ଭିନ୍ ଭିନ୍ ରାଏଜେ ଭିନ୍ ଭିନ୍ ହିସାବେ ଇତାକେ ପାଲନ୍ କରାଯାଉଛେ । ଦେଶର୍ ସବୁଆଡ଼େ ଆଏଜ୍ ଲୁକେ ନଦୀ, ବନ୍ଧ ମାନ୍କୁ ବୁଡ଼ ପକେଇକରି ମନ୍ଦିର୍ମାନ୍କୁ ଯାଇକରି ଦେ ଦେବ୍ତାଙ୍କର୍ ଦର୍ଶନ୍ କରିଛନ୍ ।

ମକର୍ ସଂକ୍ରାନ୍ତି ଅବ୍ସରେ ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ଶ୍ରୀଜୀଉମାନ୍କୁ ମକର ଚୂଳ ଆର୍ ମକର ଚୌରାସି ବେଶ କରାଯିବାର୍ ସହେତେ ମହାପ୍ରଭୁଙ୍କୁ ମକର ଚାଉଲ ଭୋଗ୍ ଲଗାଯାଇଥିଲା ।

ମକର୍ ସଂକ୍ରାନ୍ତି- ରାଜ୍ୟ       ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟର୍ ଭିନ୍ ଭିନ୍ ମହାଦେବ୍ ଗୁଡ଼ିମାନ୍କେ ମକର୍ ସଂକ୍ରାନ୍ତି ଲାଗି କେତେଟା ଖାସ୍ ନୀତିକାନ୍ତି ହେଉଛେ । ସାକ୍ଷୀଗୋପାଳର ଶ୍ରୀଗୋପାଳ ଜୀଉଙ୍କର୍ ମନ୍ଦିର୍, ବ୍ରହ୍ମଗିରିର୍ ଶ୍ରୀ ଅଲାରନାଥ ଦେବଙ୍କର୍ ପୀଠ, ଭଦ୍ରକର ଆରଡ଼ିର ବାବା ଆଖଣ୍ଡଳମଣି ପୀଠ, ବଡ଼ମ୍ବାର ସିଂହନାଥ ପୀଠ, ପର୍ଶ୍ଚିମ ଓଡ଼ିଶାର ନୃସିଂହନାଥ, ହରିଶଙ୍କର, ମା' ସମଲେଶ୍ୱରୀ ଏବଂ ପାଟଣେଶ୍ୱରୀ ପୀଠ ନ ମକର ସଂକ୍ରାନ୍ତି ଲାଗି ଖାସ୍ ପୂଜା ହେଉଛେ ।

ନୟାଗଡ଼୍ ଜିଲ୍ଲା ଓଡ଼ଗାଁର ଶ୍ରୀରଘୁନାଥଜୀଉଙ୍କର୍ ମନ୍ଦିର୍ ନ ମାହାପୁରୁଙ୍କର୍ ଦର୍ଶନ୍ ଲାଗି ଶ୍ରଦ୍ଧାଳୁମାନ୍କର ଭିଡ଼୍ ହେଇଛେ ।

ସୁବର୍ଣ୍ଣପୁର ଜିଲ୍ଲାର୍ ପାତାଳି ଶ୍ରୀକ୍ଷେତ୍ରଠାନେ ଶ୍ରୀଜଗନ୍ନାଥ୍ ମକର ଚଉରାଶୀ ବେଶଥି ଭକ୍ତମାନ୍କୁ ଦର୍ଶନ୍ ଦଉଛନ୍ । ଜିଲ୍ଲା ନ ସିଦ୍ଧ ପୀଠ ସୈନ୍ୟଗିରି ସହେତେ ବୀରମହାରାଜ୍ପୁର୍ ଉପଖଣ୍ଡର୍ ଭିନ୍ ଭିନ୍ ଇଲାକା ନ ମକର୍ମେଳା ହେଉଛେ ।

ଦେବ୍ଗଡ଼୍ ଜିଲ୍ଲାର୍ ଭିନ୍ ଭିନ୍ ଗୁଡ଼ିମାନ୍କେ ମକର୍ ସଂକ୍ରାନ୍ତି ଲାଗି ଶ୍ରଦ୍ଧାଳୁମାନେ ପ୍ରସିଦ୍ଧ ମକରଧ୍ୱଜ ପାହାଡ଼କେ ଚଢ଼ି କରି ମାନସିକ ପୂରଣ୍ କରୁଛନ୍ ।

ମକର୍ ସଂକ୍ରାନ୍ତି ଅବ୍ସରେ ବୌଦ୍ଧର୍ ଶ୍ରୀଜଗନ୍ନାଥ୍ ମନ୍ଦିର୍ ମାହାପୁରୁମାନ୍କର୍ ନବାଙ୍କ ବେଶ ଆଉ ମକର ଚୌରାଶୀ ବେଶ କରାଯାଇଛେ । ସେଆଡ଼େ ଜିଲ୍ଲାର୍ ଚାରିଶମ୍ଭୁ ପୀଠ,

ରାମେଶ୍ୱର୍, ରାମ୍ଗଡ଼୍ କେଦାରେଶ୍ୱର୍, ଦେବ୍ଗଡ଼୍ ରଘୁନାଥଜୀଉ ପୀଠ, ପୁରୁଣାକଟକ୍ ମା ଭୈରବୀ ପୀଠ ନ ଭିଲ୍ ମକର୍ ସଂକ୍ରାନ୍ତି ପାଲନ୍ କରାଯାଇଛେ । ଆଏଜ୍ଠାନୁ ଜିଲ୍ଲାର୍ ପଲ୍ସାଗୁଡ଼ାଠାନେ ପ୍ରସିଦ୍ଧ ମକର ମେଳା ଆଉ ବିହାହାଟ୍ ମୁଲ୍ ହେଇଛେ ।

ଭେଟେରାନ୍ସ ଡେ'        ଆର୍ଏନ୍ୟୁ/ କଟକ୍

ଦଶ୍ ନମ୍ବର୍ ସଶସ୍ତ୍ର ବାହିନୀ ସମ୍ମାନସ୍ୱଦ ସୈନିକ ଦିବସ ଆଏଜ୍ ସାରା ଦେଶେ ପାଲନ୍ କରାଯାଉଛେ । ଇ ଅବ୍ସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସେମାନ୍କର୍ ପ୍ରତି ଶ୍ରଦ୍ଧାଞ୍ଜଳି ଜନେଇଛନ୍ । ସାମାଜିକ୍ ଗଣମାଧ୍ୟମ୍କେ ରାଷ୍ଟ୍ରପତି କହିଛନ୍, ଆଘର୍ ସେନା କର୍ମଚାରୀମାନ୍କର୍ ଅସୀମ ସାହସ ସବୁ ଭାରତୀୟଙ୍କୁ ପ୍ରେରଣା ଦେଉଥିବା । ରାଷ୍ଟ୍ରପତି କହିଛନ୍, ଭେଟେରାନ୍ସ ଡେ' ଆଉ ସଶସ୍ତ୍ର ବାହିନୀ ଫ୍ଲାଗ୍ ଡେ' ଖାଲି ସାହସୀ ସୈନିକ ମାନ୍କୁ ଶ୍ରଦ୍ଧାଞ୍ଜଳି ନୁହେଁସେ, ସେମାନ୍କୁ ସହଯୋଗ୍ ଭିଲ୍ ଦେଇଆସୁଛେ ।

ନୂଆଦିଲ୍ଲୀ ଠାନେ ଆଏଜ୍ ହେଇଥିବା କାର୍ଯ୍ୟକ୍ରମ୍କେ ସମ୍ବୋଧନ୍ କରିକରି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ୍ ସିଂହ କହିଛନ୍, ସଶସ୍ତ୍ର ବାହିନୀର୍ ଭେଟେରନ୍ମାନେ ଜାତୀୟ ଚେତନା,

ସାମୂହିକ ସାହସ ଆଉ ଭବିଷ୍ୟତ ପିଢ଼ି ଲାଗି ପ୍ରେରଣାର୍ ଉତ୍ସ ହେଇକରି ଜୀବନ୍ତ ସ୍ତମ୍ଭ ଭାବେ ଉଭା ହେଇଛନ୍ । ଦେଶ୍ ଗଠନ୍ ଦିଗେ ସେମାନ୍‌କର୍ ଅବଦାନ୍ ଆଉ ସମାଜ୍‌କେ ମାର୍ଗଦର୍ଶନ୍ ଦେବାର୍‌ଥି ପ୍ରମୁଖ ଭୂମିକା ନିର୍ବାହ କରିଆସିଛନ ବଲି ଶ୍ରୀ ସିଂ କହିଛନ୍ ।

ସୂଚ୍‌ନା ଅନ୍‌ସାରେ ଭାରତୀୟ ସେନାର୍ ପହେଲା କମାଣ୍ଡର୍ ଇନ୍ ଚିଫ୍ ଫିଲ୍ଡ ମାର୍ଶାଲ୍ କେ.ଏମ୍. କରିୟପ୍ପାଙ୍କର୍ ଅବଦାନ୍‌କେ ସମ୍ମାନ୍ ଜନେଇକରି ଫି’ ବଛର୍ ଜାନୁଆରୀ ୧୪ ତାରିଖ୍ ଦିନ ଇ ଦିବସ୍ ପାଲନ୍ କରାଯାଏସି ।

ପିଏମ୍- ପୋଙ୍ଗଲ୍ ଆର୍‌ଏନ୍‌ୟୁ/ ସମ୍ବଲପୁର/ଏକ୍ସ

ରାଷ୍ଟ୍ରନିର୍ମାଣ୍ କ୍ଷେତ୍ରଥି ଦେଶର୍ ଚାଷୀମାନେ ହେଉଛନ୍ ମଜ୍‌ବୁତ୍ ସାଥୀ । ସେମାନ୍‌କର୍ ଚେରେଷ୍ଟାଥି ଆତ୍ମନିର୍ଭର୍ ଭାରତ୍ ଅଭିଯାନ୍‌କେ ବହୁତ୍ ତାକତ୍ ମିଲିଛେ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ପୋଙ୍ଗଲ୍ ଅବ୍‌ସରେ କେନ୍ଦ୍ର ସୂଚନା, ପ୍ରସାରଣ୍ ରାଷ୍ଟ୍ରମନ୍ତ୍ରୀ ଡ. ଏଲ୍. ମୁରୁଗାନ୍‌ଙ୍କର୍ ନୂଆଦିଲ୍ଲୀ ବାସଭବନ୍ ନ ହେଇଥିବା ସ୍ୱତନ୍ତ୍ର ସମାରୋହଥି ପ୍ରଧାନ୍‌ମନ୍ତ୍ରୀ ଯୋଗ୍ ଦେଇକରି କହିଛନ୍, କେନ୍ଦ୍ର ସର୍‌କାର୍ ଚାଷୀମାନ୍‌କୁ ସଶକ୍ତ କର୍‌ବାର୍ ଲାଗି ପ୍ରତିବଦ୍ଧ ହେଇକରି ଅହରହ କାମ୍ କରୁଛନ୍ । ସେ ଆହୁରି କହିଛନ୍...

(ଭଏସ୍ ଓଭର୍- ପିଏମ୍)

ମକର୍ ସଂକ୍ରାନ୍ତି-ମୁଖ୍ୟମନ୍ତ୍ରୀ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମକର୍ ସଂକ୍ରାନ୍ତିର୍ ଅବ୍‌ସରେ କେନ୍ଦୁଝର୍‌ର ବୈତରଣୀ ନଦୀର ଶୈବ୍ୟା କାବେରୀ ଘାଟେ ବୁଡ଼୍ ପକେଇକରି ପୂଜା କରିଛନ୍ । ମୁଖ୍ୟମନ୍ତ୍ରୀଙ୍କର୍ ସାଙ୍ଗେ ତାଙ୍କର୍ ଧର୍ମପତ୍ନୀ ଭିଲ୍ ବୁଡ଼୍ ପକେଇଥିଲେ । ଇ ଅବ୍‌ସରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜନେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ମହାନ୍ ଧର୍ମ ପରମ୍ପରା ଆଉ ସଂସ୍କୃତିର୍ ତାଲ୍‌ମେଲ୍ ହିଁ ଓଡ଼ିଆ ଅସ୍ମିତାର୍ ପ୍ରକୃତ୍ ପରିଚୟ ଆଏ । ଆଜିରର୍ ଦିନ୍ ସମ୍‌କର୍ ଜୀବନ୍‌ଥି ସୁଖ୍, ଶାନ୍ତି ଆଉ ସମୃଦ୍ଧି ଭରିଦଉ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

କେନ୍ଦ୍ରଶିକ୍ଷାମନ୍ତ୍ରୀ- ପୋଙ୍ଗଲ୍ ପି.ଆଇ.ବି.

ତାମିଲନାଡୁର୍ ଚେନ୍ନଇ ନ ଥିବା ଆଇଆଇଟି ମାଡ୍ରାସ୍ ପରିସର୍ ନ ଆଏଜ୍ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ -ଛାତ୍ରଛାତ୍ରୀ ଆଉ ଶିକ୍ଷକ୍‌ମାନ୍‌କର୍ ସାଙ୍ଗେ ପାରମ୍ପାରିକ୍ ପୋଷାକ୍ ପିନ୍ଧିକରି ପୋଙ୍ଗଲ୍ ପରବ୍ ପାଲନ୍ କରିଛନ୍ । ଇ ଅବ୍‌ସରେ ଶ୍ରୀ ପ୍ରଧାନ୍ କହିଛନ୍, ପୋଙ୍ଗଲ୍ ହେଉଛେ, କୃତଜ୍ଞତା, ସମୃଦ୍ଧି ଆଉ ସାଂସ୍କୃତିକ୍ ଐତିହ୍ୟର୍ ପ୍ରତୀକ । ଇଟା ଆମର୍

ସମାଜ୍‌ର ସଦ୍‌ଭାବନା ଆଉ ଏକତାକେ ପ୍ରତିଫଲିତ୍ କର୍‌ସି । ଶିକ୍ଷାନୁଷ୍ଠାନ୍ ପରିସର୍ ନ ଇ ପରବ୍ ଗୁଟେ ଭବ୍ୟ ବାତାବରଣ୍ ବନାବାର୍ ସହେତେ ଭାରତୀୟ ସଂସ୍କୃତିର୍ ବିଭିନ୍ନତା ଭିତ୍‌ରେ ଏକତାକେ ଆହୁରି ବର୍‌କସ୍ କରିଛେ ବଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍ ।

ଫକୀର ମୋହନ ସେନାପତି ଜୟନ୍ତୀ ଆଇ.ଆଣ୍ଡ୍.ପି.ଆର୍

ବ୍ୟାସକବି ଫକୀର ମୋହନ ସେନାପତିଙ୍କର୍ ଜୟନ୍ତୀ ଅବ୍‌ସରେ ରାଜ୍ୟବାସୀ ଆଏଜ୍ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜନଉଛନ୍ । ୧୮୪୩ ମସିହା ଆଝିରର୍ ଦିନେ ବାଲେଶ୍ୱର୍ ଜିଲ୍ଲା ନ ଜନମ୍ ହେଇଥିବା ଫକୀର ମୋହନ ସେନାପତି ଏକାସାଙ୍ଗେ ଝନେ ଗାଳ୍ପିକ, ଲେଖକ ଆଉ ସମାଜ୍ ସଂସ୍କାରକ ଥିଲେ ।

ଫକୀର୍ ମୋହନ୍‌ଙ୍କର୍ ଜୟନ୍ତୀ ଅବ୍‌ସରେ ଆଏଜ୍ ସଖାଲ୍ ବେଲା ଭୁବ୍‌ନେଶ୍ୱର୍ ଉତ୍କଳ ବିଶ୍ୱବିଦ୍ୟାଳୟ ଛକ୍ ନ ଥିବା ଫକୀର୍ ମୋହନ୍ ସେନାପତିଙ୍କର୍ ପ୍ରତିମୂର୍ତିଥି ଫୁଲ୍‌ମାଲ୍ ଅର୍ପଣ୍ କରାଯାଇଥିଲା । ଉପର୍‌ବେଲା ଭୁବ୍‌ନେଶ୍ୱର୍ ଜୟଦେବ ଭବନ୍ ନ କବିତା ପାଠୋତ୍ସବ ଆଉ ସାଧାରଣ ସଭାର ଆୟୋଜନ୍ କରାଯାଇଛେ ।

ଫକୀର୍ ମୋହନ୍ ଓଡ଼ିଆ ଭାଷା ସମ୍ମାନ  ଆଇ.ଆଣ୍ଡ୍.ପି.ଆର୍

ଫକୀର୍ ମୋହନ୍ ଜୟନ୍ତୀ ସେନାପତିଙ୍କର୍ ଅବ୍‌ସରେ ଆଏଜ୍ ଓଡ଼ିଶା ସାହିତ୍ୟ ଏକାଡେମୀ ତର୍‌ଫୁ ବିଶିଷ୍ଟ ଗବେଷକ ଆଉ ପ୍ରାବନ୍ଧିକ ଡକ୍ଟର୍ ନୃସିଂହ ଚରଣ୍ ଷଡ଼ଙ୍ଗୀଙ୍କୁ ବ୍ୟାସକବି ଫକୀର୍ ମୋହନ୍ ଓଡ଼ିଶା ଭାଷା ସମ୍ମାନ୍-୨୦୨୧ ପ୍ରଦାନ୍ କରାଯାଇଛେ । ଭୁବ୍‌ନେଶ୍ୱର୍ ଗୁରୁ କେଲୁଚରଣ୍ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ନ ହେଉଥିବା ସମ୍ମାନ୍ ସମାରୋହଥି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଯୋଗ୍ ଦେଇକରି ଡକ୍ଟର୍ ଷଡ଼ଙ୍ଗୀଙ୍କୁ ଇ ସମ୍ମାନ୍ ଦେଇଛନ୍ । ଇ ଅବ୍‌ସରେ ମନ୍ତ୍ରୀ ଶ୍ରୀ ସୂରଜ୍ କହିଛନ୍, ଫକୀର୍ ମୋହନ୍‌ଙ୍କର୍ ସାହିତ୍ୟ ଆମର୍ ସମ୍‌କର୍ ଲାଗି ପ୍ରେରଣା ହେଇକରି ରହେବା । କାର୍ଯ୍ୟକ୍ରମ୍‌ଥି ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇକରି ମନ୍ତ୍ରୀ ଶ୍ରୀ ସୂରଜ୍ ଖୋବ୍ ଜଲ୍‌ଦି ସର୍‌କାରୀ ନଥିପତ୍ର ମାନ୍‌କେ ଓଡ଼ିଆ ଭାଷା ବେଭାର୍ କରାଯିବା ବଲି କହିଛନ୍ ।

(ଭଏସ୍ ଓଭର୍- ସୂର୍ଯ୍ୟବଂଶୀ ସୂରଜ୍)

କାର୍ଯ୍ୟକ୍ରମ୍‌ଥି ଓଡ଼ିଶା ସାହିତ୍ୟ ଏକାଡେମୀ ତର୍‌ଫୁ ରାଜ୍ୟ କବି ଗୋବିନ୍ଦ ଭଞ୍ଜ ଗ୍ରନ୍ଥାବଳୀ ଆଉ ସାହିତ୍ୟିକ ଜାନକୀ ବଲ୍ଲଭ ମହାନ୍ତି ବହି ଉନ୍ମୋଚିତ୍ ହେଇଥିଲା ।

ଅନ୍ତର୍ଜାତୀୟ ବୌଦ୍ଧ ସମ୍ମିଳନୀ ଯାଜ୍‌ପୁର୍ ସମ୍ବାଦଦାତା

ରାଜ୍ୟ ସଂସ୍କୃତି ଆଉ ପର୍ଯ୍ୟଟନ୍ ବିଭାଗ୍ ତର୍‌ଫୁ ଯାଜ୍‌ପୁର୍ ଜିଲ୍ଲାର୍ ଉଦୟଗିରି ନ ଶାନ୍ତି ଆଉ ଅହିଂସାର୍ ବାର୍ତା ନେଇକରି ଚାଲିଥିବା ଅନ୍ତର୍ଜାତୀୟ ବୌଦ୍ଧ ସମ୍ମିଳନୀ ଆଉ ଗୁରୁ ପଦ୍ମସମ୍ଭବଙ୍କର୍ ପ୍ରାର୍ଥନା ସମାରୋହଥି ଆଏଜ୍ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଉ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଓଡ଼ିଶାର୍ ବୌଦ୍ଧ ଐତିହ୍ୟ ଆଉ ପର୍ଯ୍ୟଟନ୍‌ର ବିକାଶ୍ ଉପ୍‌ରେ ସର୍‌କାର୍ ଜୋର୍ ଦେଇଛନ୍ ବଲି କହିଛନ୍ । ଓଡ଼ିଶାର୍ ବୌଦ୍ଧ ତନ୍ତ୍ରଯାନ ଆଉ ଇତିହାସ୍‌କେ ଲୋକଲୋଚନ୍‌କେ ଆନ୍‌ବାର୍ ଲାଗି ଚେରେଷ୍ଟା କରାଯାଉଛେ ବଲି କାର୍ଯ୍ୟକ୍ରମ୍‌ଥି ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂରଜ୍ କହିଛନ୍ । ଇ ଅବ୍‌ସରେ ଉଦୟଗିରି ସ୍ମରଣିକା ଆଉ ବୌଦ୍ଧ ଧର୍ମ ପୁସ୍ତିକା ଉନ୍ମୋଚିତ୍ ହେଇଥିଲା ।

କେ.ଭି. ସିଂହଦେଓ-ପାଟ୍‌ନାଗଡ଼୍ ବଲାଙ୍ଗିର୍ ସମ୍ବାଦଦାତା

ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଆଏଜ୍ ପାଟ୍‌ନାଗଡ଼୍ ନିର୍ବାଚନ୍ ମଣ୍ଡଲୀର୍ ଖପ୍ରାଖୋଲ୍ ବ୍ଲକ୍ ନ ୫୫ କୋଟି ଟଙ୍କାର୍ ୧୬ ଟା ଉନ୍ନୟନ୍ ପ୍ରକଳ୍ପର୍ ଉଦ୍‌ଘାଟନ୍ ଆଉ ଶିଲାନ୍ୟାସ୍ କରିଛନ୍ । ଇଥିର୍‌ଭିତ୍‌ରେ ଭିନ୍ ଭିନ୍ ରାସ୍ତା

ପ୍ରକଳ୍ପ ବ୍ରିଜ୍ ଆଉ ଜଲ୍‌ସେଚନ୍ ପ୍ରକଳ୍ପ ରହିଛେ । ଇ ଅବ୍‌ସରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଭୂମିହୀନମାନ୍‌କୁ ୪ ଡିସ୍‌ମିଲ୍ ଲେଖା ଜାଗାର୍ ପଟା ବାଂଟିଥିଲେ ।

## ରାଷ୍ଟ୍ରପତି ଭବନ୍ ଏଟ୍ ହୋମ୍ ରିସେପ୍‌ସନ୍   ଏନ୍‌ଏସ୍‌ଡି

ସାଧାରଣତନ୍ତ୍ର ଦିବସ ସମାରୋହ ଆଘୋନୁ ରାଷ୍ଟ୍ରପତି ଭବନ୍ ନହେବାର୍‌କେ ଥିବା ଏଟ୍ ହୋମ୍ ରିସେପ୍‌ସନ୍ କାର୍ଯ୍ୟକ୍ରମଥି ସାମିଲ୍ ହେବାର୍‌କେ ରାଷ୍ଟ୍ରପତି ଭବନ୍ ତର୍‌ଫୁ କଳାହାଣ୍ଡି ଜିଲ୍ଲାର ସଫେଇ କର୍ମଚାରୀ ରାଜେନ୍ଦ୍ର ପାତ୍ର ଆଉ ଝାରସୁଗୁଡ଼ା ଜିଲ୍ଲାର୍ ବେଲପାହାଡ଼ର୍ ଖୁସ୍‌ବୁ ଜୟପୁରିଆଙ୍କୁ ନିମନ୍ତ୍ରଣ ମିଳିଛେ । ସଫେଇ କାମ୍ ଦିଗେ ସମର୍ପଣ ଲାଗି ରାଜେନ୍ଦ୍ରଙ୍କୁ ଇ ନିମନ୍ତ୍ରଣ ମିଳିଥିଲା ବେଲ୍‌କେ ଆପଦା ମିତ୍ର କାର୍ଯ୍ୟକ୍ରମ୍ ଅନ୍ତର୍ଗତ୍ ଆପଦା ପ୍ରବନ୍ଧନ ପ୍ରଶିକ୍ଷଣଥି ସକ୍ରିୟ ଭାଗିଦାରୀ ଆଉ ଉତ୍କୃଷ୍ଟ ପ୍ରଦର୍ଶନ୍ ଲାଗି ଖୁସ୍‌ବୁଙ୍କୁ ପ୍ରଶଂସା କରାଯିବାର୍ ସହେତେ ଇ ନିମନ୍ତ୍ରଣ ମିଳିଥିବାର୍ ଜନାପଡ଼ିଛେ ।

ପ୍ରଗତି          ପି.ଆଇ.ବି.

କେନ୍ଦ୍ର ସର୍‌କାର୍‌ଙ୍କର୍ ପ୍ରଗତି ବ୍ୟବସ୍ଥା ଜରିଏ ଦେଶର୍ ୮୫ ଲାଖ୍ କୋଟିନୁ ଅଏତ୍‌କା ଟଙ୍କାର୍ ଉନ୍ନୟନ୍ ପ୍ରକଳ୍ପ ମାନ୍‌କର୍ ତୁର୍‌ତି କାର୍ଯ୍ୟାନ୍ୱୟନ୍ ହେଇପାରିଛେ । ପ୍ରଗତି ଅଧୀନ୍‌ଥି

ପ୍ରଧାନ୍‌ମନ୍ତ୍ରୀ ୩ ଶହ ୮୨ ଟା ପ୍ରମୁଖ ଜାତୀୟ ପ୍ରକଳ୍ପର୍ ସିଧାସଲଖ୍ ତଦାରଖ୍ କରିଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଶୀତ୍ ଲହରୀ ଜାରି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୧୭ ତାରିଖ୍‌ତକ୍ ଶୀତ୍ ଜାରି ରହେବା । ୧୮ ତାରିଖ୍ ନୁ ପଶ୍ଚିମାଝଡ଼ର୍ ପ୍ରଭାବ୍‌ଥି ତାପମାତ୍ରା ବଢ଼୍‌ବା । ଆଏବା ୨୪ ଘଂଟା ଭିତ୍‌ରେ ଝାର୍‌ସୁଗୁଡ଼ା, ଅନୁଗୁଲ୍, ଜଗତ୍‌ସିଂହପୁର୍, କଟକ୍, ଢେଙ୍କାନାଲ୍ ଆର୍ ଖୋର୍ଦ୍ଧା ନ ଜବର୍ ଶୀତ୍ ହେବା ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।